# ବେଙ୍ଗାଲୁରରେ 'ଗୁଞ୍ଜନ'ର ନୃତ୍ୟସନ୍ଧ୍ୟା

କଟକ, ୨୫।୯(ମ.ପ୍ର) କଟକ ମହତାବରୋଡ ସ୍ଥିତ ଆନ୍ତର୍ଜାତିକସ୍ତରରେ ଖ୍ୟାତି ଅର୍ଜନ କରିଥିବା ନୃତ୍ୟାନୁଷ୍ଠାନ 'ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ' ଏ ବର୍ଷର 'ଗୁଞ୍ଜନସନ୍ଧ୍ୟା' ବେଙ୍ଗାଲୁରରେ ଆୟୋଜିତ ହୋଇଯାଇଛି; ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ଦ୍ୱାରା ଏହାର ପ୍ରସ୍ତୁତି ହୋଇଥିଲା । ଅନୁଷ୍ଠାନ ପକ୍ଷରୁ ଦୀର୍ଘ ୧୨ବର୍ଷ ଧରି ଭାରତର ବିଭିନ୍ନ ସହରରେ ଏହି ବାର୍ଷିକ ନୃତ୍ୟସନ୍ଧ୍ୟା କାର୍ଯ୍ୟକ୍ରମ ହୋଇଆସୁଥିଲା ବେଳେ ଗତବର୍ଷ ଏହା ମୁମ୍ବାଇରେ ଓ ତା'ପୂର୍ବବର୍ଷ ଦିଲ୍ଲୀରେ ହୋଇଥିଲା ଏବଂ ଚଳିତବର୍ଷ ପାଇଁ 'ଗୁଞ୍ଜନସନ୍ଧ୍ୟା' ବେଙ୍ଗାଲୁରରେ ଅନୁଷ୍ଠିତ ହେଲା । ଓଡ଼ିଶୀ ନୃତ୍ୟର ପ୍ରଚାର ପ୍ରସାର ଏହାର ଉଦ୍ଦେଶ୍ୟ । ଗୁରୁ ମୀରା ଦାସଙ୍କ କୋରିଓଗ୍ରାଫିରେ ଗୁଞ୍ଜନର ଶିଳ୍ପୀମାନେ ବିଭିନ୍ନ ନୃତ୍ୟାଭିନୟ ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ଥିଲେ ।